THE TIMES OF INDIA, BHUBANESWAR
SATURDAY, JANUARY 20, 2018

# Incubator to be set up at IIT-BBS

**Bhubaneswar:** An MoU was signed between the state government, Software Technology Park of India (STPI), philanthropist Sushmita Bagchi and IIT-Bhubaneswar to set up an incebator, Centre of Excellence for Virtual and Augmented Reality (VARCOE).

The centre will undertake state-of-the-art research, develop testing facility/laboratories for advanced algorithms, application and methods in aid of virtual and augmented reality for immersive visualisation and allied areas. It will also offer highly focused courses on augmented reality to students.

The centre will be one of its kinds in the country. "It will cater to the startups and new generation entrepreneurs working in the area of virtual augmented reality for immerse visualisation and allied areas," said chief minister Naveen Patnaik. TNN

ସମ୍ବାଦ ୨୦ ଜାନୁଆରି ୨୦୧୮

# 'ଇନ୍‌କ୍ୟୁବେଟର' ପାଇଁ ବୁଝାମଣାପତ୍ର

## ଆଇଆଇଟିରେ 'ଭାର୍ ଉତ୍କର୍ଷ କେନ୍ଦ୍ର' ମାଇଲ୍‌ଖୁଣ୍ଟ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯/୧(ଇମିସ): ଆଜି ଆଇଆଇଟି, ଭୁବନେଶ୍ୱରରେ ଭର୍‌ଚୁଆଲ୍ ଆଣ୍ଡ ଅଗ୍‌ମେଣ୍ଟେଡ୍ (ଭାର୍) ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଫର୍ ଏକ୍ସସେଲେନ୍ସ ନାମକ ଏକ ଇନ୍‌କ୍ୟୁବେଟର ସ୍ଥାପନ ପାଇଁ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଗବେଷଣା, ବୈଷୟିକ ଜ୍ଞାନକୌଶଳ, ଇନ୍‌କ୍ୟୁବେସନ୍ ଏବଂ ଉତ୍ପାଦ ବିକାଶ କ୍ଷେତ୍ରରେ ଏ ଧରଣର ଇନ୍‌କ୍ୟୁବେଟର ଦେଶରେ ଏକ ମାଇଲ୍‌ଖୁଣ୍ଟ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



ରାଜ୍ୟ ସରକାରଙ୍କ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ, କେନ୍ଦ୍ର ସରକାରଙ୍କ ସଫ୍ଟୱେର ପାର୍କ ଅଫ୍ ଇଣ୍ଡିଆ(ଏସ୍‌ଟିପିଆଇ), ପ୍ରଖ୍ୟାତ ଓଡ଼ିଆ ଲେଖିକା ତଥା ସମାଜସେବୀ ସୁସ୍ମିତା ବାଗ୍‌ଚୀ ଏବଂ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଇଆଇଟି ପରିସରରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏଭଳି ପ୍ରତିଷ୍ଠାନ ରାଜ୍ୟରେ ଷ୍ଟାର୍ଟ-ଅପ୍ ଏବଂ ନୂଆ ପିଢ଼ିର ଉଦ୍ୟୋଗୀମାନଙ୍କ ଆବଶ୍ୟକତାକୁ ମେଣ୍ଟାଇପାରିବ। ବିଶେଷ କରି ସୁସ୍ମିତା ବାଗ୍‌ଚୀଙ୍କ ୨.୫ କୋଟି ଟଙ୍କାର ଅବଦାନ ଏହି ଇନ୍‌କ୍ୟୁବେଟର୍ ସ୍ଥାପନକୁ ଆଉ ପାଦେ ଆଗେଇ ନେଇଥିବା ଉପସ୍ଥିତ ଅତିଥିମାନେ ଅକୁଣ୍ଠ ଚିତ୍ତରେ କହିଥିଲେ। ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ ଯେ ରାଜ୍ୟ ସରକାର ୨୦୨୦ ସୁଦ୍ଧା ଏକ ହଜାର ସଂଖ୍ୟକ ଷ୍ଟାର୍ଟ-ଅପ୍ ସ୍ଥାପନ ନିମନ୍ତେ ଅଙ୍ଗୀକାରବଦ୍ଧ।

ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର କହିଥିଲେ, ପ୍ରତିଭାବାନ୍ ପ୍ରଫେସର, ଛାତ୍ରଛାତ୍ରୀଙ୍କୁ ଗବେଷଣା ପାଇଁ ଏଭଳି ପ୍ରତିଷ୍ଠାନ ପ୍ରୋତ୍ସାହିତ କରିବ। ଏସ୍‌ଟିପିଆଇ ମହାନିର୍ଦ୍ଦେଶକ ଓମ୍‌କାର ରାଏ ଷ୍ଟାର୍ଟ-ଅପ୍‌ଙ୍କୁ ସଶକ୍ତୀକରଣ କରିବା ଦିଗରେ ଏସ୍‌ଟିପିଆଇ, ଆଇଆଇଟି ସହିତ ମିଳିତ ଭାବେ କାର୍ଯ୍ୟ କରିବ। ଶିଳ୍ପ ଏବଂ ସମାଜର ବିକାଶ ପାଇଁ ଏଭଳି ପ୍ରତିଷ୍ଠାନ ବ୍ରତୀ ହେବ ବୋଲି ଆଶାପ୍ରକାଶ କରିଥିଲେ ସୁସ୍ମିତା ବାଗ୍‌ଚୀ।

ସମ୍ବାଦ
ଶନିବାର, ଜାନୁଆରୀ ୨୦, ୨୦୧୮

# ଭିଏଆର ଉତ୍କୃଷ୍ଟ କେନ୍ଦ୍ର ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୯।୧(ନି.ପ୍ର): ବୈଷୟିକ କ୍ଷେତ୍ରରେ ଆଭିଡ଼ାସନ ପ୍ରଶିକ୍ଷଣ, ଗବେଷଣା ଓ ବାସ୍ତବବାଦୀ ସହାୟତାକୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଏକ ଉତ୍କୃଷ୍ଟ କେନ୍ଦ୍ର ଗଠନ ହେବ। ଏଥିପାଇଁ ଶୁକ୍ରବାର ଭୁବନେଶ୍ୱର ଆଇଆଇଟି, ରାଜ୍ୟ ସରକାରଙ୍କ ମଧ୍ୟମ, ଅଣୁ ଓ କ୍ଷୁଦ୍ର ଶିଳ୍ପ(ଏମ୍‌ଏସ୍‌ଏମ୍‌ଇ) ବିଭାଗ, କେନ୍ଦ୍ରସରକାରଙ୍କ ସଫ୍ଟୱେର ଟେକ୍‌ନୋଲଜି ପାର୍କ(ଏସ୍‌ଟିପିଆଇ) ଏବଂ ସମାଜସେବୀ ତଥା ଲେଖିକା ସୁସ୍ମିତା ବାଗ୍‌ଚୀଙ୍କ ମଧ୍ୟରେ ଏକ ଚତୁଃମୁଖୀ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। 'ଭିଏଆର ଉତ୍କୃଷ୍ଟ କେନ୍ଦ୍ର' ନାମରେ ଆଇଆଇଟି ପରିସରରେ ଏହା କାର୍ଯ୍ୟ କରିବ। ଏହି କେନ୍ଦ୍ର ପ୍ରତିଷ୍ଠା ବାବଦରେ ଅଢ଼େଇ କୋଟି ଟଙ୍କା ବ୍ୟୟ ହେବ ଓ ଏହି ଅର୍ଥ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଆଇଆଇଟି, ଭୁବନେଶ୍ୱରକୁ ପ୍ରଦାନ କରିଛନ୍ତି। ଏହି ପ୍ରତିଷ୍ଠାନ ପ୍ରତିଷ୍ଠା କ୍ଷେତ୍ରରେ ଶ୍ରୀମତୀ ବାଗ୍‌ଚୀ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଏମଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଭାଗୀୟ ସଚିବ ଲକ୍ଷ୍ମୀ ନାରାୟଣ ଗୁପ୍ତା, ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି ରାଜକୁମାର, ଏସ୍‌ଟିପିଆଇ ମହାନିର୍ଦ୍ଦେଶକ ଓମ୍‌କାର ରାୟ ପ୍ରମୁଖ ଉପସ୍ଥିତ ଥିଲେ।

ଭିଏଆର ଉତ୍କୃଷ୍ଟ କେନ୍ଦ୍ରରେ ଅତ୍ୟାଧୁନିକ ପରୀକ୍ଷାଗାର ପ୍ରତିଷ୍ଠା ମାଧ୍ୟମରେ ଆନ୍ତର୍ଜାତିକ ମାନର ବୈଷୟିକ ଗବେଷଣା ପାଇଁ ସମସ୍ତ ବ୍ୟବସ୍ଥା ଉପଲବ୍ଧ ହେବ। ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଗବେଷକମାନେ ଦକ୍ଷତା ବିକାଶ କ୍ଷେତ୍ରରେ ପରିବର୍ଦ୍ଧକ ପ୍ରଶିକ୍ଷଣ ଲାଭ କରିପାରିବେ। ନୂଆ ଉତ୍ପାଦ ପାଇଁ ଏଠାରେ ପ୍ରୋତ୍ସାହନ ପ୍ରଦାନ କରାଯିବ। ଏହି ଅବସରରେ ଉକ୍ତ ପ୍ରତିଷ୍ଠାନ ଦେଶର ଏକ ଅଗ୍ରଣୀ ଗବେଷଣା କ୍ଷେତ୍ର ଭାବେ ପରିଚୟ ଲାଭ କରିବ ଏବଂ ସାମାଜିକ ଓ ଶିଳ୍ପ ସହିତ ପାରିପାର୍ଶ୍ୱିକ ବିକାଶ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକଙ୍କ ଆଶାବ୍ୟକ୍ତ କରିଥିଲେ।

ପ୍ରମେୟ
THE PRAMEYA

## ଗବେଷଣା ଓ ଶିକ୍ଷ ପାଇଁ ଆଣିବ ନୂଆ ସୁଯୋଗ

# ଆଇଆଇଟିରେ ହେବ ଆଧୁନିକ ଇନ୍‌କ୍ୟୁବେଟର

ଭୁବନେଶ୍ୱର, ୧୯।୧(ବ୍ୟୁରୋ): ଭୁବନେଶ୍ୱର ଆଇଆଇଟିରେ ପ୍ରତିଷ୍ଠା ହେବ ଅତ୍ୟାଧୁନିକ ଇନ୍‌କ୍ୟୁବେଟର। ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର ଭର୍ଚୁଆଲ ଆଣ୍ଡ ଆଗୁମେଣ୍ଟେଡ୍ ରିଏଲିଟି ନାମରେ ଏହି କେନ୍ଦ୍ର ପ୍ରତିଷ୍ଠା କରିବାକୁ ଆଜି ଚୁକ୍ତି (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ

### ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହେଲା ଏମଓୟୁ

ଉପସ୍ଥିତିରେ ରାଜ୍ୟ ସରକାରଙ୍କ ଅଣୁ ଓ କ୍ଷୁଦ୍ର ଅଣୁ ଶିଳ୍ପ ବିଭାଗ, ଭାରତର ସଫ୍ଟୱେର ଟେକ୍ନୋଲୋଜି ପାର୍କ ତଥା ବୁଦ୍ଧିଜୀବୀ ସୁସ୍ମିତା ବାଗ୍‌ଚୀ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଏହି ଇନ୍‌କ୍ୟୁବେଟର ଦେଶର ପ୍ରଥମ କରି ଭୁବନେଶ୍ୱର ଆଇଆଇଟିରେ ପ୍ରତିଷ୍ଠା କରାଯିବା ଏକ ଭଲ ସୂଚନା। ଏଥିରେ କେନ୍ଦ୍ର, ରାଜ୍ୟ ସରକାରଙ୍କ ବ୍ୟତୀତ ବୁଦ୍ଧିଜୀବୀ ଏବଂ ଆଇଆଇଟିର ସମ୍ମିଳନ ଏକ ବିରଳ ସଂଯୋଗ। ଏହାଦ୍ୱାରା ଆଇଆଇଟି ଭୁବନେଶ୍ୱର କୃତ୍ରିମ ଉପାୟରେ ଜୀବାଣୁ ବିକାଶ ଜ୍ଞାନକୌଶଳ ଓ ଗବେଷଣା କ୍ଷେତ୍ରରେ ଏକ ମାଇଲ୍‌ଖୁଣ୍ଟ ହୋଇ ପାରିବ। ଏହାବ୍ୟତୀତ ଏହି ଗବେଷଣା କେନ୍ଦ୍ର ଦ୍ୱାରା ଉଦ୍ୟୋଗୀ ମାନେ ବେଶ ଫାଇଦା ପାଇପାରିବେ।

ଏହି କେନ୍ଦ୍ରରେ ଗବେଷଣା, ଉନ୍ନତ ପରୀକ୍ଷଣ, ଆଧୁନିକ ଆଲ୍‌ଗୋରିଦିମ୍ ପାଇଁ ଲାବ୍ ଭଳି ପ୍ରକ୍ରିୟା ସମ୍ଭବ



ହୋଇ ପାରିବ। ଏହା ମଧ୍ୟ ଏଆର/ଭିଆର ଛାତ୍ରଛାତ୍ରୀ ମାନଙ୍କ ପାଇଁ ଉଚ୍ଚ ମାନର ପାଠ୍ୟକ୍ରମ ପାଇଁ ସହଯୋଗ କରିବ। ଏହା ମଧ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ଭିତ୍ତିଭୂମି ଯୋଗାଇ ଦେବ। ଏହି କେନ୍ଦ୍ର ପାଇଁ ବୁଦ୍ଧିଜୀବୀ ସୁସ୍ମିତା ବାଗ୍‌ଚୀ ଆଇଆଇଟି ନିର୍ଦ୍ଦେଶକଙ୍କୁ ୨.୫ କୋଟି ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

ଏହି ଅବସରରେ ଏମଏସଏମଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଲେ, ଏହି ଇନ୍‌କ୍ୟୁବେଟର ଭବିଷ୍ୟତ ପାଇଁ ବେଶ ଉପାଦେୟ ହେବ। ଏପରି ସାମାଜିକ ଉପାଦେୟ ପ୍ରକଳ୍ପକୁ ଶ୍ରୀମତୀ ବାଗ୍‌ଚୀଙ୍କ ଭଳି ସ୍ୱେଚ୍ଛାସେବୀ ପ୍ରୋତ୍ସାହିତ କରିବା ଏକ ଉଦାହରଣ ସୃଷ୍ଟି କରିଛି।

ଏମଏସଏମଇର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲଏନ ଗୁପ୍ତା କହିଲେ, ୨୦୧୭ ମେ ୧ ତାରିଖରୁ ଷ୍ଟାର୍ଟ ଅପ୍ ଓଡ଼ିଶା ପୋର୍ଟାଲ ମୁଖ୍ୟମନ୍ତ୍ରୀ ଆରମ୍ଭ କରିବା ଦିନ ଠାରୁ ଏପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରୁ ୧୬୨ଟି ଷ୍ଟାର୍ଟ ଅପ୍ ପ୍ରସ୍ତାବ ଆସିଛି। ସେଥିରୁ ୨୦ଟି ଲାଭ ପାଉଥିବା ବେଳେ ୪ଟିକୁ ଅନୁମୋଦନ ଦିଆଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ୨୦ଟି ଇନ୍‌କ୍ୟୁବେଟର କାର୍ଯ୍ୟ କରୁଛି ବୋଲି ସେ କହିଥିଲେ।

ଶ୍ରୀମତୀ ବାଗ୍‌ଚୀ କହିଲେ, ଏହି ଇନ୍‌କ୍ୟୁବେସନ କେନ୍ଦ୍ର ଦେଶର ଏକ ଭିନ୍ନ କେନ୍ଦ୍ର ଭାବେ ଶିଳ୍ପ ଓ ସମାଜର ବିକାଶ ପାଇଁ ଉପାଦେୟ ହୋଇ ପାରିବ ବୋଲି ଆଶା କରୁଛି। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆରଭି ରାଜକୁମାର କହିଲେ, ଏହି କେନ୍ଦ୍ର ଉଭୟ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ନୂଆ ଉଦ୍ୟୋଗୀ ମାନଙ୍କ ପାଇଁ ଫଳପ୍ରଦ ହେବ। ଆଇଆଇଟି ତାର ଦକ୍ଷ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନଙ୍କୁ ଗବେଷଣା କରିବା ପାଇଁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ।

ଏହି ଅବସରରେ ଏସଟିପିଆଇ ନିର୍ଦ୍ଦେଶକ ଓମକାର ରାଏ କହିଲେ, ଏହି ଉଦ୍ୟମ ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏସଟିପିଆଇ ତାର ଇନକ୍ୟୁବିଟି ମାନଙ୍କୁ ଗବେଷଣା ପାଇଁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ।